ଭାରତୀୟ ଜନତା ପାର୍ଟି, ଓଡିଶା

## ଛତିଶଗଡ ମାଓ ଆକ୍ରମଣରେ ୨ ଜଣ ଯବାନ ଏବଂ ଜଣେ ସାମ୍ବାଦିକଙ୍କ ବିୟୋଗରେ

# ରାଜ୍ୟ ବିଜେପି ସଭାପତି ଏବଂ ବିଧାୟକ ଦଳ ନେତାଙ୍କ ଗଭୀର ଶୋକ ପ୍ରକାଶ

**ଭୁବନେଶ୍ୱର, ତା ୩୦/୧୦:** ଛତିଶଗଡ ମାଓ ଆକ୍ରମଣରେ ୨ ଜଣ ଯବାନ ଏବଂ ଜଣେ ସାମ୍ବାଦିକଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ସହିଦଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ।

ଆଜି ଦୂରଦର୍ଶନର ଏକ ଟିମ୍ ଦାନ୍ତେୱାଡା ଜିଲ୍ଲାକୁ ନିର୍ବାଚନ ଖବର ସଂଗ୍ରହ କରିବାକୁ ଯାଇଥିବା ସମୟରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଅଂଚଳର ଦୂରଦର୍ଶନର ଭିଡିଓ ସାମ୍ବାଦିକ ଅଚ୍ୟୁତାନନ୍ଦ ସାହୁ ନକ୍ସଲ ଗୁଳିରେ ଶିକାର ହୋଇଥିଲେ । ଏଥି ସହ ଏହି ଘଟଣାରେ ୨ ଜଣ ଯବାନ ସହୀଦ ହେବା ଘଟଣାକୁ ଶ୍ରୀ ପଣ୍ଡା ଓ ଶ୍ରୀ ସିଂହଦେଓ ଦୃଢ ନିନ୍ଦା କରିଛନ୍ତି ।

(ବିଜେପି ମିଡିଆ ସେଲ୍)